# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀ

ନଂ. 11116
XXIII-16/19

ତା. 28/09/2022

## କୋଟେସନ ନୋଟିସ୍

ଏତଦ୍ୱାରା ଫଳବିକ୍ରେତା ମାନଙ୍କୁ ଜଣାଇ ଦିଆଯାଉଛି ଯେ ପୁରୀସ୍ଥ ନିମ୍ନଲିଖିତ ୪ ଗୋଟି ହବିଷିଆଳୀ ଆଶ୍ରୟସ୍ଥଳରେ ପ୍ରାୟ ୨୭୦୦ ହବିଷିଆଳୀମାନଙ୍କ ପାଇଁ ଚଳିତ କାର୍ତ୍ତିକମାସ ଏକାଦଶୀ,ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ତିଥିରେ (ତା.୨୧.୧୦.୨୦୨୨, ତା.୨୫.୧୦.୨୦୨୨, ତା.୦୪.୧୧.୨୦୨୨ ଏବଂ ତା.୦୮.୧୧.୨୦୨୨ରିଖ) ସଦ୍ୟ ଫଳ ଯୋଗାଇବାକୁ ଇଚ୍ଛୁକ ଫଳ ଯୋଗାଣକାରୀଙ୍କ ଠାରୁ କୋଟେସନ ଆହ୍ୱାନ କରାଯାଉଛି । ଫଳଗୁଡିକ କାଗଜ ପ୍ୟାକେଟରେ ପ୍ୟାକିଂ ହୋଇ ନିମ୍ନଲିଖିତ ହବିଷିଆଳୀ ଆଶ୍ରୟସ୍ଥଳରେ ବଣ୍ଟନ କରାଯିବ । ପ୍ରତି ପ୍ୟାକେଟରେ ଅନ୍ୟୂନ ପାଚିଲା କଦଳୀ-୩ ଗୋଟି, ପିଜୁଳି/ନାସପାତି -୨ଗୋଟି ଓ ସେଓ-୨ଗୋଟି (ହାରାହାରି ୭୫୦ଗ୍ରାମ) ରହିବ ଓ ସଂପୃକ୍ତ ଯୋଗାଣକାରୀ ଉପରୋକ୍ତ ଦିନ ଦିବା ୧:୦୦ଘଣ୍ଟା ସୁଦ୍ଧା ହବିଷିଆଳୀ କେନ୍ଦ୍ରଗୁଡିକରେ ସଦ୍ୟ ଫଳ ପ୍ୟାକେଟ ଯୋଗାଇବେ ।

ଇଚ୍ଛୁକ ବ୍ୟକ୍ତି ସାଧା କାଗଜରେ ଉପରୋକ୍ତ ଫଳ ପ୍ୟାକେଟର ଦର (ସମସ୍ତ ଶୁଳ୍କ ସହ) ଉଲ୍ଲେଖ କରି ବ୍ୟକ୍ତିଗତ ଭାବେ କିମ୍ବା ଡାକ/କୋରିଅର ସର୍ଭିସ ମାଧ୍ୟମରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.୧୨.୧୦.୨୦୨୨ରିଖ ଅପରାହ୍ନ ଘ.୧:୦୦ ସୁଦ୍ଧା ପ୍ରଦାନ କରିବେ । ଦରଖାସ୍ତ ସହିତ ବ୍ୟାଙ୍କ ଡ୍ରାଫ୍ଟ (ମୁଖ୍ୟ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ) କିମ୍ବା ନଗଦ ଆକାରରେ ଟ.୧୦,୦୦୦/- ଅମାନତ ବାବଦକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜମାଦେଇ ରସିଦ ଦାଖଲ ଦେବେ । ଧାର୍ଯ୍ୟ ସମୟ ସୁଦ୍ଧା ମିଳିଥିବା କୋଟେସନ୍‌ଗୁଡିକ ତା.୧୨.୧୦.୨୦୨୨ରିଖ ଅପରାହ୍ନ ଘ.୫:୦୦ରେ ସଂପୃକ୍ତ କୋଟେସନ୍‌ଦାତା କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ସର୍ବନିମ୍ନ ଦର ଗ୍ରହଣ କରିବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ କୋଟେସନ୍ ରଦ୍ଦ କରାଯାଇ ପାରିବ ।

**ହବିଷ୍ୟାଳୀଙ୍କ ଆଶ୍ରୟସ୍ଥଳ**

୧. ବୃନ୍ଦାବତୀ ନିବାସ, ନରେନ୍ଦ୍ରକୋଣ, ପୁରୀ
୨. ବଗଲା ଧର୍ମଶାଳା,ବଡଦାଣ୍ଡ,ପୁରୀ
୩. ଅକ୍ଷୟପାତ୍ର ଫାଉଣ୍ଡେସନ,ବଡଦାଣ୍ଡ,ପୁରୀ
୪. ମୋଚିସାହି କଲ୍ୟାଣ ମଣ୍ଡପ,ମୋଚିସାହି,ପୁରୀ

(Signature) 28/09/22
**ପ୍ରଶାସକ (ନୀତି)**
**ଶ୍ରୀଜଗନ୍ନାଥ ମନ୍ଦିର,ପୁରୀ**

**ଜ୍ଞାପକ ସଂଖ୍ୟା** 11117(2) **ତା.** 28/09/2022

ଏହାର ନକଲ ହିସାବ ଉପବିଭାଗ / ଶ୍ରୀ ନରସିଂହ ମହାପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(Signature) 28/09/22
**ପ୍ରଶାସକ (ନୀତି)**
**ଶ୍ରୀଜଗନ୍ନାଥ ମନ୍ଦିର,ପୁରୀ**

**ଜ୍ଞାପକ ସଂଖ୍ୟା** 11118(2) **ତା.** 28/09/2022

ଏହାର ବହୁଳ ପ୍ରସାର ନିମନ୍ତେ ଏକକିତା ନକଲ ଜିଲ୍ଲାପାଳ,ପୁରୀଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ସଦର କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରଦର୍ଶିତ କରିବା ପାଇଁ ପ୍ରେରଣ କରାଗଲା ।

(Signature) 28/09/22
**ପ୍ରଶାସକ (ନୀତି)**
**ଶ୍ରୀଜଗନ୍ନାଥ ମନ୍ଦିର,ପୁରୀ**

ଜ୍ଞାପକ ସଂଖ୍ୟା 11119 ତା. 28/09/2022

ଏହାର ଏକକିତା ନକଲ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ପ୍ରେରଣ କରାଯାଇ କୋଟେସନ ନୋଟିସର ବହୁଳ ପ୍ରସାର ନିମନ୍ତେ ଶ୍ରୀମନ୍ଦିର websiteରେ host କରିବାକୁ ଜଣାଇ ଦିଆଗଲା ।

ପ୍ରଶାସକ (ନୀତି)
ଶ୍ରୀଜଗନ୍ନାଥ ମନ୍ଦିର,ପୁରୀ